ଏମ୍. ଭାସ୍କର

ବନାମ

ଜେ. ଭେଙ୍କଟରାମା ନାଇଡୁ, ତାଙ୍କ କ୍ଷମତାପତ୍ର ଧାରକ
ଏ. ନାରାୟଣସ୍ୱାମୀ ନାଇଡୁଙ୍କ ଦ୍ୱାରା ପ୍ରତିନିଧିତ୍ୱ ହୋଇଛନ୍ତି

ସେପ୍ଟେମ୍ବର 10,1996

[କେ. ରାମସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ଏ.ପି. ଭବନ (ପଟ୍ଟା, ଭଡ଼ା ଏବଂ ଉଚ୍ଛେଦ) ନିୟନ୍ତ୍ରଣ ଅଧିନିୟମ, 1960:*

*ଧାରା 8, 10 (2) (1) ଏବଂ 11 – ଭଡ଼ା ପଇଠ କରିବାରେ ଇଚ୍ଛାକୃତ ଖିଲାପ – ନିମ୍ନ ନ୍ୟାୟାଳୟ ଦ୍ୱାରା ଉଚ୍ଛେଦ ଆଦେଶ – ଯେତେବେଳେ ଜମି ମାଲିକ ଭଡ଼ା ପାଇବାରୁ ନିଜକୁ ଏଡ଼ାଇ ରଖନ୍ତି ସେତେବେଳେ ଭଡ଼ା ପଇଠ ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା – ଭଡ଼ାଟିଆଙ୍କ ଦ୍ୱାରା ପ୍ରକ୍ରିୟାର ସୁବିଧା ଉଠାଇବାରେ ବିଫଳତା ଜମି ମାଲିକଙ୍କୁ ଇଚ୍ଛାକୃତ ଖିଲାପ ପାଇଁ ଉଚ୍ଛେଦ ଦାବି କରିବାକୁ ଅକ୍ଷମ କରେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12380/1996

ସି. ଆର୍. ପି. ସଂଖ୍ୟା 4290/1995 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 9.7.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ. ସୁବ୍ବା ରାଓ ଏବଂ ଏ. ଡି. ଏନ୍. ରାଓ ।

ଉତ୍ତରଦାତାଙ୍କ ପାଇଁ ଏଲ୍. ଏନ୍. ରାଓ, ଭି. ଶ୍ରୀଧର ରେଡ୍ଡୀ, ଜି. ରାମ କ୍ରିଷନ ଏବଂ ଏସ୍. ୟୁ. କେ. ସାଗର

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସି ଆର୍ ପି ସଂଖ୍ୟା 4290/95 ରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା 9 ଜୁଲାଇ,1996 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଏ.ପି. ଭବନ (ପଟ୍ଟା, ଭଡ଼ା ଏବଂ ଉଚ୍ଛେଦ) ନିୟନ୍ତ୍ରଣ ଅଧିନିୟମ, 1960 ର ଧାରା 10 (2) (i) ଅନୁଯାୟୀ ମାମଲା ଉତ୍ପନ୍ନ ହୋଇଛି ।

ନିମ୍ନରେ ଥିବା ସମସ୍ତ ତିନୋଟି ନ୍ୟାୟାଳୟ ଦ୍ୱାରା ଆଦେଶ ଦିଆଯାଇଥିବା ଉଚ୍ଛେଦ ପାଇଁ ମୁଖ୍ୟ ଆଧାର ହେଉଛି ଯେ, ଅପିଲକାରୀ  ଜୁନ୍ 1990 ମାସରୁ 31 ଅକ୍ଟୋବର, 1990 ପର୍ଯ୍ୟନ୍ତ ଭଡ଼ା ପ୍ରଦାନ କରିବାରେ ଇଚ୍ଛାକୃତ ଭାବେ ବିଫଳ ହୋଇଛନ୍ତି ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ସୁଦ୍ଧା ରାଓଙ୍କ ଯୁକ୍ତି ହେଉଛି ଯେ, ଉତ୍ତରଦାତା-ଜମି ମାଲିକ ହାଇଦ୍ରାବାଦରେ ରହୁଥିଲେ ଏବଂ କ୍ଷମତାପତ୍ର ଧାରକ ହେଉଛନ୍ତି ତାଙ୍କ ଭିଣୋଇ ତଥା ମାମୁଁ ଏବଂ ଯେତେବେଳେ ବି ସେ ମଦନପଲ୍ଲୀ ଆସୁଥିଲେ, ସେ ଭଡ଼ା ଦେଉଥିଲେ ତେଣୁ, ଏହାର ବିପରୀତରେ ଏକ ଚୁକ୍ତିନାମା  ଅଛି । ଏହି ଯୁକ୍ତିରେ ଆମେ କୌଣସି ସାର ପାଇନାହୁଁ । ଯଦିଓ ପକ୍ଷମାନେ ସମ୍ପର୍କୀୟ ଅଟନ୍ତି, ତଥାପି ଯେତେବେଳେ ଅପିଲକାରୀ ଭଡ଼ାଟିଆ ଭାବରେ ପରିସରରେ ରହୁଛନ୍ତି, ନିୟମିତ ଭାବରେ ଭଡ଼ା ଦେବାକୁ ତାଙ୍କର ଦାୟିତ୍ୱ ରହିଛି । ଯଦି ସେ ଏପରି ନ କରନ୍ତି, ତେବେ ସେ ଇଚ୍ଛାକୃତ ଭାବେ ଖିଲାପ କରନ୍ତି । ଯଦି ସେ ଜାଣିବାକୁ ପାଆନ୍ତି ଯେ, ଜମି ମାଲିକ ଭଡ଼ା ପଇଠରୁ ଏଡ଼ାଇ ଯାଉଛନ୍ତି, ତେବେ ବ୍ୟାଙ୍କର ନାମ ଦେବା ପାଇଁ ଜମି ମାଲିକଙ୍କୁ ନୋଟିସ୍ ଜାରି କରିବା ପାଇଁ ଅଧିନିୟମର ଧାରା 8 ଅନୁଯାୟୀ ପ୍ରକ୍ରିୟା ନିର୍ଦ୍ଧାରିତ ହୋଇଛି ଏବଂ ଯଦି ସେ ବ୍ୟାଙ୍କର ନାମ ପ୍ରକାଶ କରନ୍ତି ନାହିଁ, ତେବେ ଭଡ଼ାଟିଆଙ୍କୁ ଭଡ଼ା ଜମା କରିବାର ଅନୁମତି ପାଇଁ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଏକ ଆବେଦନ ଦାଖଲ କରିବାକୁ ପଡ଼ିବ । ଅପିଲକାରୀ ସେହି ପ୍ରତିକାରର ଲାଭ ଉଠାଇନଥିଲେ । ଧାରା 11 ଅନୁଯାୟୀ ପ୍ରକ୍ରିୟାର ସୁବିଧା ଉଠାଇବା ଛାଡ଼ିଯିବାଟା ଜମି ମାଲିକଙ୍କୁ ଇଚ୍ଛାକୃତ ଖିଲାପ ପାଇଁ ଉଚ୍ଛେଦ କରିବାକୁ ଅକ୍ଷମ କରେ ନାହିଁ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । ତେବେ ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ସେ ଏକ ସାଧାରଣ ପ୍ରତିଶ୍ରୁତି ଦେଇ ଆଜିଠାରୁ ତିନି ମାସ ସମୟ ମଧ୍ୟରେ ଅପିଲକାରୀଙ୍କୁ ପରିସର ଖାଲି କରିବାକୁ ମଞ୍ଜୁର କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.                                                    ଅପିଲ ଖାରଜ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର  କରାଯାଇନପାରେ  । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ  ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ